Annual Subscription Rs. 50.00 only

# ମାତୃଭବନ ପତ୍ର



ଚତୁର୍ତ୍ତିଂଶ ବର୍ଷ ◆ ଅଷ୍ଟମ ସଂଖ୍ୟା ◆ ଜାନୁଆରୀ ୨୦୨୫

Not to judge anyone but oneself until one can see things from a calm mind and calm vital is an excellent rule.

(Bases of Yoga//13) **- Sri Aurobindo**

ଯେପର୍ଯ୍ୟନ୍ତ ଏକ ସ୍ଥିର ମନ ଓ ସ୍ଥିର ପ୍ରାଣ ନେଇ ବିଷୟସବୁକୁ ଦେଖିବାର କ୍ଷମତା ନ ଆସିଛି ସେପର୍ଯ୍ୟନ୍ତ ନିଜ ଛଡ଼ା ଅନ୍ୟ କାହାକୁ ବିଚାର କରିବା ଉଚିତ ନୁହେଁ, ଏହା ଏକ ଉତ୍କୃଷ୍ଟ ନିୟମ।

– ଶ୍ରୀଅରବିନ୍ଦ

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

**୨୧.୦୨.୨୦୨୫**



ମଧୁମୟୀ ଦିବ୍ୟଜନନୀ ଶ୍ରୀମାଙ୍କର ୧୪୭ତମ ପବିତ୍ର
ଜନ୍ମତିଥିରେ **"ମାତୃଭବନ ପତ୍ର"**ର
କୃତଜ୍ଞତାପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

*ଏବେବି ମନେପଡ଼େ.....*

# ଆମେ ଭିନ୍ନ ହେବା

ହଠାତ୍ ଦିନେ ମାମୁଁ ମତେ ଡାକି କହିଲେ, ବାବୁଲି, ତୁ ଆଉ ସେ ବାହାଘର/ବ୍ରତଘର Receptionକୁ ଯାଆନା । ମୁଁ କହିଲି ମାମୁଁ, ମୁଁ ନ ଗଲେ ସମସ୍ତେ ବହୁତ ଖରାପ ଭାବିବେ । ମୁଁ ଯିବି, ମାତ୍ର କିଛି ଖାଇବି ନାହିଁ । ମାମୁଁ କହିଲେ, ମୁଁ ଖାଲି ଖାଇବା କଥା କହୁନି, ସେ ବାତାବରଣ ସବୁ ତୋ'ପାଇଁ ଅନୁକୂଳ ନୁହେଁ । ମୁଁ କହିଲି ହଉ । ମାତ୍ର ଘଟଣା ଏପରି ହେଲା ଯେ ମାତୃଭବନର ଅତି ଘନିଷ୍ଠ/ଅନ୍ତରଙ୍ଗ ମାନଙ୍କ ଘରେ ବିଭିନ୍ନ କାର୍ଯ୍ୟକ୍ରମରେ ମତେ ହିଁ ଉପସ୍ଥାନ ଦେବାକୁ ହେଲା । ନ ଗଲେ ନ ଚଳେ । କେହି ନ ଗଲେ କେମିତି ହେବ । ପିଲାମାନେ ଗଲେ ମଧ୍ୟ ମୁରବୀ କେହି ଜଣେ ଯିବାକୁ ହେବ । ତେଣୁ ମାମୁଁଙ୍କ ପରାମର୍ଶକୁ ମୁଁ ରକ୍ଷା କରିପାରିଲି ନାହିଁ । ଅବଶ୍ୟ ଖାଇବାରେ ଯଥାସମ୍ଭବ ସଂଯତ ହେଲି- ମାତ୍ର ମାମୁଁଙ୍କର ଦ୍ୱିତୀୟ ଆଶଙ୍କା ଯେଉଁ ବାତାବରଣର କଥା ତାକୁ ରକ୍ଷା କରିପାରିଲି ନାହିଁ । ଏମିତି କାହାରି ଘରକୁ ଏକ ଉତ୍ସବରେ ଯୋଗଦେବାକୁ ଗଲାବେଳେ ମୁଁ ଏକ ତୀବ୍ର ପ୍ରତିକ୍ରିୟା ଅନୁଭବ କଲି । ସବୁଆଡ଼େ ଦେଖିଲି, କୌଣସିଠାରେ କିଛି ବି ଅସୁବିଧା ନାହିଁ ମାତ୍ର କେଜାଣି କାହିଁକି ମୋତେ ଆଦୌ ଭଲ ଲାଗୁନଥିଲା । ସେଦିନ ଅଶ୍ୱସ୍ତିର ଅନୁଭବ ନେଇ ଫେରିଲି ।

ହଠାତ୍ ମାତୃଭବନରେ ପହଞ୍ଚିଲା ପରେ ସନ୍ଧ୍ୟାବେଳେ ମୋର ଗୋଟିଏ ଘଟଣା ମନେ ପଡ଼ିଲା । ମସିହା ମନେନାହିଁ । ସେତେବେଳେ ମାତୃଭବନରେ ପ୍ରତାପ ଭାଇ କାମ କରୁଥା'ନ୍ତି । ଏକ ବିଚକ୍ଷଣ ବ୍ୟକ୍ତିତ୍ୱ । ଅତ୍ୟନ୍ତ ମିଷ୍ଟଭାଷୀ । ହାସ୍ୟପ୍ରିୟ ଏବଂ ଟିକେ ଅଧିକ ପୃଥୁଳ । ସମସ୍ତେ ପ୍ରତାପଭାଇଙ୍କୁ ଖୁବ୍ ଭଲ ପାଉଥିଲେ । (ଗତ ୨୦୦୮ ମସିହା ଅଗଷ୍ଟ ୯ ତାରିଖ ରାତିରେ ସେ ଶରୀର ତ୍ୟାଗ କରିଛନ୍ତି । ଏବେବି ମନେପଡ଼େ ପୁସ୍ତକର ୪ର୍ଥ ଭାଗରେ ୩୩ନମ୍ବର ବିଷୟ- "ଏକ ବିରାଟ ଶୂନ୍ୟସ୍ଥାନ" ତାଙ୍କରି ସମ୍ପର୍କରେ ଲେଖା) ସେଇ ପ୍ରତାପ ଭାଇଙ୍କର ବାହାଘର । ଆମେ ସମସ୍ତେ ମାତୃଭବନର ଏବଂ ଭୁବନେଶ୍ୱର ଖଣ୍ଡଗିରିରୁ ଦୁଇଟି ସ୍କୁଲ ବସ୍‌ରେ ବାଗଲପୁର ଯାଇଥାଉ । ସେତେବେଳେ ପ୍ରପତ୍ତି ମହାଶୟ ରାଜାବଗିଚାରେ ରହୁଥାନ୍ତି । ତାଙ୍କର ମାତୃଭବନ ଆସିବାର କୌଣସି କାର୍ଯ୍ୟକ୍ରମ ନଥାଏ । ଯଦି ମାତୃଭବନକୁ ଆସିବାକୁ ଥିବ ସିଏ ଆଗରୁ ସୂଚନା ଦେଇଥାନ୍ତି । ଆମେ ସବୁ ଅପେକ୍ଷା କରିଥାଉ । ଉତ୍ସବ ମଉସାଙ୍କ ଗାଡ଼ି ତାଙ୍କୁ ଆଣି ଛାଡ଼ିଦେବ- ଆମେ ପରେ ନେଇ ଛାଡ଼ିଦେଇ ଆସିବୁ । ସେଦିନ ଯେହେତୁ

ତାଙ୍କର ଆସିବାର କୌଣସି କାର୍ଯ୍ୟକ୍ରମ ନଥିଲା ଆମେ ସମସ୍ତେ ପଳେଇଥିଲୁ। ଜଣେ / ଦୁଇଜଣ କାହାରିକୁ ଜଗାଇ ଦେଇ ଆମେ ଚାଲିଯାଇଥିଲୁ। ପ୍ରପତ୍ତି ମହାଶୟ ଆସିଲେ ଦେଖିଲେ କେହିନାହାନ୍ତି। ଦର୍ଶନ କରିବା ପରେ ଗୋଟିଏ ରିକ୍ସା ଡାକି ସେଥିରେ ଫେରିଗଲେ। ଯାହାଙ୍କୁ ଆମେ ଜଗାଇଦେଇ ଯାଇଥିଲୁ ତାଙ୍କଠାରୁ ଆମ ସମସ୍ତଙ୍କ ବିଷୟରେ ପଚାରି ବୁଝିନେଲେ। ଆମେ ରାତ୍ରୀରେ ଫେରି ସବୁ ଜାଣିଲୁ। ପରଦିନ ସକାଳୁ ମୁଁ ରାଜାବଗିଚାରେ ପହଞ୍ଚୁ ପହଞ୍ଚୁ ପ୍ରଥମେ ନିଜଆଡୁ ଏକ ବିରକ୍ତି ଭାବରେ କହିଉଠିଲେ, ତୁମେ କ'ଣ ଅନ୍ୟମାନଙ୍କ ଭଳି ବୁଲିବୁଲି ବାହାଘର Attend କରୁଚ ? କାଳେ ଅଧିକ ରାଗିଯିବେ ବୋଲି ମୁଁ କହିପକାଇଲି, ସାର୍, ପ୍ରତାପର ବାହାଘର ଥିଲା। ଆମେ ଜାଣିଥିଲୁ ପ୍ରତାପକୁ ପ୍ରପତ୍ତି ଖୁବ୍ ଭଲ ପାଉଥିଲେ। ତେଣୁ ପ୍ରତାପ ନାଁ ଶୁଣି କାଳେ ବୁଝିଯିବେ। ମାତ୍ର ସେ ସେମିତି ବିରକ୍ତ ହୋଇ କହିଲେ, ପ୍ରତାପ ହେଲା ତ କ'ଣ ହେଲା-ତୁମର ଯିବା କ'ଣ ନିହାତି ଦରକାର ? ଅନ୍ୟମାନଙ୍କୁ ପଠାଇ ଦେଇଥାନ୍ତ। ତୁମେ ନିଜେ କାହିଁକି ଯାଉଥିଲ ? ମୁଁ ହଠାତ୍ ବୁଝିପାରିଲି ନାହିଁ ମାତ୍ର ପରେ ଜାଣିଲି ମା'ଙ୍କ କାର୍ଯ୍ୟରେ ଯେଉଁମାନେ ସଙ୍ଗଠନର ଦାୟିତ୍ୱ ନେଇଛନ୍ତି, ସେମାନଙ୍କୁ ବହୁତ ସତର୍କ ହୋଇ ଚଳିବାକୁ ପଡିବ। ତାଙ୍କର କଥାଭିତରେ "ଅନ୍ୟମାନଙ୍କ ଭଳି" ଶବ୍ଦଗୁଡ଼ିକ ମୋତେ ସ୍ୱତନ୍ତ୍ର ଲାଗିଲା। ଅର୍ଥାତ୍ ତୁମେ ଅନ୍ୟମାନଙ୍କ ଭଳି ବଞ୍ଚିବାକୁ ଚେଷ୍ଟା କରନାହିଁ। ତୁମର କାର୍ଯ୍ୟ ଭିନ୍ନ, ଦାୟିତ୍ୱ ଭିନ୍ନ, ଭୂମିକା ଭିନ୍ନ, ତେଣୁ ତୁମେ ଭିନ୍ନ ପ୍ରକାର ହେବାପାଇଁ ଚେଷ୍ଟା କର।

ସେଦିନ ସବୁଗୁଡ଼ିକ ଘଟଣାକୁ ମୁଁ ମିଶାଇବାକୁ ଚେଷ୍ଟା କଲି। ପ୍ରପତ୍ତି ମହାଶୟ କହିଥିବା, ମାମୁଁ କହିଥିବା ଏବଂ ସେ ଦିନର ଅନୁଭବ ସବୁକୁ ମିଶାଇ ମୁଁ ଚିନ୍ତାକଲି ବାସ୍ତବିକ ମା'ଙ୍କ କାର୍ଯ୍ୟରେ ଅଂଶଗ୍ରହଣ କଲେ ଆମର ମନ, ପ୍ରାଣ, ଶରୀର ସମସ୍ତେ ବିରୋଧି ଶକ୍ତିର ଆକ୍ରମଣ ପାଇଁ ମୁକ୍ତ ହୋଇଯାଆନ୍ତି। କାରଣ ସେମାନେ ମା'ଙ୍କ କାର୍ଯ୍ୟରେ ବିଘ୍ନ ଘଟାଇବାପାଇଁ କର୍ମୀମାନଙ୍କର ମନ, ପ୍ରାଣ, ଶରୀରକୁ ହିଁ ଆଘାତ ଦେବାପାଇଁ ଚେଷ୍ଟା କରନ୍ତି। ତେଣୁ ପ୍ରପତ୍ତିଙ୍କର ଉକ୍ତିରୁ ମତେ ଲାଗିଥିଲା- ଆମକୁ ଭିନ୍ନ ହେବାକୁ ପଡ଼ିବ। ଅର୍ଥାତ୍,

୧. ସବୁ ପରିସ୍ଥିତିରେ ଥାଇ ମଧ୍ୟ ଭିତରେ ଶାନ୍ତ ରହିବାକୁ ହେବ। ଅନ୍ତତଃ ବ୍ୟସ୍ତ, ଅସ୍ଥିର ନ ହେବାକୁ ଚେଷ୍ଟା କରିବାକୁ ହେବ।

୨. କାହା ସହିତ ଅଧିକ ହେଉ ବା କମ୍ ହେଉ ଆସକ୍ତ ନଥିବ। କୌଣସି ବ୍ୟକ୍ତି, ବସ୍ତୁ, କାର୍ଯ୍ୟ, ଅନୁଷ୍ଠାନ କିଛି ବି ସହିତ ଆଦୌ ଆସକ୍ତି ରହିବ ନାହିଁ।

୩. ସବୁବେଳେ, ସବୁ ମୁହୂର୍ତ୍ତରେ, ସବୁଦିନ ସବୁ ପ୍ରକାରର ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ହେବ।

୪. କୌଣସି ପ୍ରକାର ଭୟ କିମ୍ବା ବିଷାଦ ତୁମକୁ ସ୍ପର୍ଶ କରୁନଥିବ।

୫. ତୁମେ କାହାକୁ ଆଦୌ ଭିନ୍ନ ଦେଖାଯିବା ଆବଶ୍ୟକ ନାହିଁ। ପୋଷାକପତ୍ର, ଖାଦ୍ୟ, ଚଳଣୀ ପ୍ରଭୃତି କେଉଁଥିରେ ନୁହେଁ। ମାତ୍ର ସର୍ବନିମ୍ନ ସରଳତା ନିଶ୍ଚୟ ରହିବ।

୬. ସମସ୍ତଙ୍କ ସହିତ ଏବଂ ସବୁ ଅବସ୍ଥାରେ ଏକ ସଙ୍ଗତିପୂର୍ଣ୍ଣ ବାତାବରଣ ରକ୍ଷା କରିବାକୁ ହେବ।

ଅନ୍ତତଃ ଏହିଭଳି କିଛି ଅଭ୍ୟାସ କଲେ ଆମେ ସମସ୍ତଙ୍କ ସହିତ ଥାଇ ମଧ୍ୟ ଏକ ଭିନ୍ନ ବ୍ୟକ୍ତିତ୍ୱ ସୃଷ୍ଟି କରିପାରିବା।

*ପ୍ରସାଦ ତ୍ରିପାଠୀ*

●

## ମାତୃଭବନ ପତ୍ର ସମ୍ପର୍କରେ

**ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର** ତୁରନ୍ତ ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କିଛି ଜାଣିବାକୁ ଥିଲେ **ମୋ:୯୪୩୮୭୦୪୬୭୩ରେ ଅନୁପମା ଦଳାଇ (ପିଙ୍କି ଅପା)ଙ୍କୁ** ଜଣାଇବାକୁ ଅନୁରୋଧ। **ଅଭିଯୋଗ ଜଣାଇବା ସମୟରେ ନିଜର ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

**ପରିଚାଳକ**

# ଏକାବେଳେକେ ଏତେ କାର୍ଯ୍ୟକ୍ରମ !

ଆମେ ଏତିକିରେ ବ୍ୟସ୍ତ ହୋଇପଡୁଚୁ ! ମାତ୍ର ଯେତେବେଳେ କାର୍ଯ୍ୟକ୍ରମ ଆହୁରି ବଢ଼ିଯିବ ସେତେବେଳେ କ'ଣ କରିବା ? ଆମ ଗାଁରେ ରେଳ ଚାଲିବା ବେଳେ ସମୁଦାୟ ଦିନରେ ୪/୬ଟା ମାଲଗାଡ଼ିକୁ ମିଶାଇ ୮/୧୦ରେଳଗାଡ଼ି ଯାଉଥିଲା । ଏବେ ସେଇ ଷ୍ଟେସନ ବାଟ ଦେଇ ଦିନରେ ଅନ୍ତତଃ ୧୦୦ଟି ଗାଡ଼ି ଯାଉଛି । ଯଦି ହାଉଡା କିମ୍ବା ଚେନ୍ନାଇ ଷ୍ଟେସନ ଦେଖିବା ତେବେ ଦୈନିକ ପାଖାପାଖି ହଜାରେ ଟ୍ରେନ୍ ଯାଉଥିବ । ରେଳ ଲାଇନ୍ ମାତ୍ର ୪୦/୫୦ଟି ଥିବ । ସେଥିରେ ଏତେ ଟ୍ରେନ୍ କିପରି ଯାଉଛି ? କିପରି ଆସୁଛି ? କାହାରି ସାଙ୍ଗରେ କାହାରି ଧକ୍କା ହେଉନାହିଁ । ଏ ସବୁ ସମ୍ଭବ ହୋଇପାରୁଚି, ମାତ୍ର ଆମେ ଏତିକି କାର୍ଯ୍ୟକୁ Adjust କରିପାରୁନୁ ?

ସେଦିନ କୌଣସି କାର୍ଯ୍ୟଧାରାର ଜିଲ୍ଲା ସମ୍ମିଳନୀରେ ଯୋଗଦେଇଥିଲି । କେତେଗୁଡ଼ିଏ ସ୍କୁଲରୁ ଛାତ୍ରଛାତ୍ରୀ ଏବଂ ଅପାଭାଇ ଯୋଗଦେଇଥିଲେ । ଆଉ ଗୁଡ଼ିଏ ସ୍କୁଲରୁ କେହି ଆସି ନଥିଲେ । ଏପରିକି ଗୋଟିଏ ସ୍କୁଲରୁ ଉକ୍ତ କାର୍ଯ୍ୟଧାରାର ସଂଯୋଜକ ନିଜେ ଯୋଗଦେଲେ ମାତ୍ର ତାଙ୍କ ସ୍କୁଲର କେହି ଛାତ୍ରଛାତ୍ରୀ ଯୋଗଦେଲେ ନାହିଁ । କାରଣ ତାଙ୍କ ସ୍କୁଲର କାର୍ଯ୍ୟକ୍ରମ ଥିଲା । ଆରେ ବାବା, କାର୍ଯ୍ୟକ୍ରମ ତ ନିଶ୍ଚୟ ରହିବ । ମାତ୍ର ଉଭୟଟି କିପରି ଚାଲିବ ତାକୁ ଭାବିବାକୁ ପଡ଼ିବ ନା ! ତୁମେ ଅଳ୍ପ କିଛି ପିଲାଙ୍କୁ ସାଙ୍ଗରେ ଆଣି ଆସ । ଧରାଯାଉ ତୁମ ସ୍କୁଲରେ ଏହି କାର୍ଯ୍ୟକ୍ରମ ହେଉଥାନ୍ତା ତୁମେ ଅନ୍ୟମାନଙ୍କୁ ଯେମିତି ଅନୁରୋଧ କରୁଥାନ୍ତ ଆସିବାପାଇଁ ତୁମ ପାଇଁ ମଧ୍ୟ ଠିକ୍ ତାହାହିଁ ପ୍ରଯୁଜ୍ୟ । ଯେଉଁ ଯେଉଁ ସ୍କୁଲମାନେ ଆସିନଥିଲେ ସମସ୍ତଙ୍କର ପ୍ରାୟ ଦୁଇଟି ପ୍ରକାର ସମସ୍ୟା । କେହି ଯିବାପାଇଁ ରାଜୀ ନୁହଁନ୍ତି କିମ୍ବା ପିଲାମାନଙ୍କର କାର୍ଯ୍ୟକ୍ରମ ଅଛି । ଏ ଉଭୟକୁ ସାଙ୍ଗରେ ନେଇ କାର୍ଯ୍ୟକରିବାକୁ ପଡିବ । ନଚେତ କାର୍ଯ୍ୟ ଯେଉଁ ଧାରାରେ ବଢ଼ି ବଢ଼ି ଚାଲୁଛି, ଭବିଷ୍ୟତରେ କେବଳ ନିଜ ସ୍କୁଲରେ ହିଁ ଆମେ କାର୍ଯ୍ୟକ୍ରମ କରୁଥିବା ଆଉ ଅନ୍ୟ କେହି ଆସୁନଥିବେ । ଏ ସମ୍ପର୍କରେ ଚିନ୍ତା କରିବା ବହୁତ ଆବଶ୍ୟକ ।

*ପ୍ରସାଦ ତ୍ରିପାଠୀ*

●

# ସଙ୍ଗଠନ ସମାଚାର

**ଜାତୀୟସ୍ତରୀୟ କାର୍ଯ୍ୟକ୍ରମ:-**

ଡିସେମ୍ବର ୨୧ ଓ ୨୨ ତାରିଖରେ ଛତିଶଗଡ ଭିଲାଇଠାରେ ତୃତୀୟ ଜାତୀୟସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ରାଜ୍ୟରୁ ୫୦୦ରୁ ଉର୍ଦ୍ଧ୍ୱ ମାତୃପ୍ରେମୀମାନେ ଅଂଶଗ୍ରହଣ କରିଥିଲେ ।

**ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ:-**

୧.୧୨.୨୪ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଶ୍ରୀଅରବିନ୍ଦ ବାଣିଜ୍ୟ ପରିଷଦର ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବ ଜୀବନ ଶିକ୍ଷା ସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ "କୁସାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ । ମାଣ୍ଡିଆ ସାମଗ୍ରୀ ଆଧାରିତ ଏକ କର୍ମଶାଳା ପଞ୍ଚାନନ ମିଶ୍ର, ସୁଜାତା ପଟ୍ଟନାୟକ, ପୁଷ୍ପାଞ୍ଜଳି ମିଶ୍ର ଓ ଲକ୍ଷ୍ମୀନାରାୟଣ ପରିଚ୍ଳନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ସନ୍ତୋଷ କୁମାର ଗାହାଣ "ବ୍ୟବସାୟରେ ଶୁଦ୍ଧତା ଓ ସାଧୁତା" ବିଷୟରେ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ କୋରାପୁଟ, କଟକ, ଦେବଗଡ, ରାୟଗଡା, ସୁନ୍ଦରଗଡ, ଗଞ୍ଜାମ, ମାଲକାନଗିରି ପ୍ରଭୃତି ଜିଲ୍ଲାରୁ ୧୮୦ଜଣ ଅପାଭାଇ ଯୋଗଦାନ କରିଥିଲେ ଏବଂ ପ୍ରାୟ ୧୦ଟି ବିକ୍ରୟ କେନ୍ଦ୍ର ଖୋଲାଯାଇଥିଲା ।

ଡିସେମ୍ବର ୨୨ ତାରିଖରେ ତୃତୀୟ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ କୃଷି ପରିଷଦର ସମ୍ମିଳନୀ ମାତୃଭବନ, କଟକଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ Organic Food and seed Bankର ଏକ ପ୍ରଦର୍ଶନୀ କରାଯାଇଥିଲା । Towards Sustainable Organic Cultivation and Dairy Farming ବିଷୟରେ ପ୍ରସାଦ ତ୍ରିପାଠୀ ଉପକ୍ରମ ପ୍ରଦାନ କରିଥିଲେ, ଧରଣୀଧର ପାଲ, ସରୋଜକାନ୍ତ ମିଶ୍ର, ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଡ. ଭାସ୍କର ଚନ୍ଦ୍ର ପାତ୍ର, ପ୍ରଫେସର ସବ୍ୟସାଚୀ ବିଶ୍ୱାଳ, ଡ. କାର୍ତ୍ତିକ ଚରଣ ଲେଙ୍କା Dairy farming in Organic cultivation, Organic Rice farming, Community Seed Bank, Food for the new Species, Organic Farming for Sustainable Living, Future perspective of organic Farming, Sustainable

Organic Vertical Cultivation in urban Areas ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଅଧିର ଚନ୍ଦ୍ର ସାହୁ, ଡ. ଆଦିତ୍ୟ ଆଚାର୍ଯ୍ୟ, ପ୍ରଫେସର ବଂଶୀଧର ପ୍ରଧାନ, ପ୍ରଫେସର ଅଜୟ କୁମାର ଦାସ, ଡ. କାର୍ତ୍ତିକ ଚରଣ ଲେଙ୍କା ପ୍ରମୁଖ "How to implement of Ideas"କୁ ଆଧାର କରି ଏକ Panel Discussionରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଡ. ଶ୍ୟାମା କାନୁନଗୋ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

### ଆସ୍ପୃହା ମଣ୍ଡଳ

**ଗଞ୍ଜାମ:-** ୫.୧୨.୨୪ରେ ପୋଲସରା ବ୍ଲକ ଏନ.ଏ.ସିର କେନ୍ଦ୍ରୀୟ ପାଠଚକ୍ର କୀର୍ତ୍ତନ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ସୂକ୍ଷ୍ମ ଶରୀରରେ କାର୍ଯ୍ୟ" ଓ "ଶ୍ରୀଅରବିନ୍ଦଙ୍କ ଶରୀରରେ ଅତିମାନସ ଶକ୍ତି" ବିଷୟରେ ମୃତ୍ୟୁଞ୍ଜୟ ଜେନା ଓ ସୁଲତା ସାହୁ ଆଲୋଚନା କରିଥିଲେ।... ଡିସେମ୍ବର ୧୪ ଓ ୧୫ ତାରିଖ ଦୁଇଦିନ ବ୍ୟାପୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସାବୁଳିଆର ରଜତ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଗତ ଭାଷଣ ଗୋପାଳକୃଷ୍ଣ ସେନାପତି ପ୍ରଦାନ କରିଥିଲେ। ଲକ୍ଷ୍ମୀବାଇ ଦଳାଇଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ "ଆମ ଶିକ୍ଷାକେନ୍ଦ୍ରରେ ମା'ଙ୍କ କାର୍ଯ୍ୟ", "ଶ୍ରୀଅରବିନ୍ଦଙ୍କ ଶିକ୍ଷା ଦର୍ଶନର ନୂତନ ନିତି ଓ ପଦ୍ଧତି", "ଭଗବତ ଗୀତାର ଭୂମିକା", "ଶିକ୍ଷା ମୀମାଂସା" ଓ "ମୁକ୍ତ ପ୍ରଗତି ଭିତ୍ତିକ ଶିକ୍ଷା" ସମ୍ପର୍କରେ ପ୍ରଦୀପ୍ତ କୁମାର ପାଣିଗ୍ରାହୀ, କେ. ଦିଲ୍ଲୀପ କୁମାର ସୁବୁଦ୍ଧି, ଭାଗିରଥି ମହାପାତ୍ର, ଭିକାରୀ ଚରଣ ମହାପାତ୍ର, ଅରୂପ କୁମାର ସୁବୁଦ୍ଧି ପ୍ରମୁଖ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେ. ବେଦମତୀ ପାତ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ସଦ୍ୟଷ୍ନାନ ପଣ୍ଡା, ଅମୂଲ୍ୟ କୁମାର ପାଢୀଯୋଶୀ ଓ ଜଗମୋହନ ପଣ୍ଡା ଆଦି ଅତିଥିବୃନ୍ଦ ଅଂଶଗ୍ରହଣ କରିଥିଲେ।... ୨୧.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତଳରାମପଲ୍ଲୀର ୨୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।... ୨୫.୧୨.୨୪ରେ କୈରାଶିଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୮ତମ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଊନବିଂଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୂର୍ଣ୍ଣାଙ୍ଗ ଶିକ୍ଷାର ଆବଶ୍ୟକତା" ସମ୍ପର୍କରେ ସନ୍ତୋଷ କୁମାର ପରିଡା ଆଲୋଚନା କରିଥିଲେ।... ଡିସେମ୍ବର ୧ ରୁ ୨୨ ମଧ୍ୟରେ ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିମୟୀ ଟ୍ରଷ୍ଟ ତରଫରୁ Online ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଭବେଶ ଚନ୍ଦ୍ର ସାହୁ "ତ୍ରିବିଧ ରୂପାନ୍ତର" ପୁସ୍ତକ ପାଠ କରି ଆଲୋଚନା କରିଥିଲେ।

**ଗଜପତି:-** ୧୯.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚନ୍ଦ୍ରଗିରିଠାରେ ୨୬ତମ ବାର୍ଷିକ କ୍ରୀଡା ଉତ୍ସବ ସନାତନ ନାୟକଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ପ୍ରଥମେ ମାଆ ମାନଙ୍କ ଦ୍ୱାରା ଝୋଟି, ସାଧାରଣ ଜ୍ଞାନ, ୨୦୦ମିଟର ଦୌଡ଼, ଗୁରୁବାର ମହାଲକ୍ଷ୍ମୀ ପୂଜା ପ୍ରସଙ୍ଗ ଉପରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା ।

### ଆସ୍ଥା ମଣ୍ଡଳ

**ବାଲେଶ୍ୱର:-** ୬.୧୧.୨୪ରେ ଅସ୍ତିଡିହାସ୍ଥିତ ଜ୍ଞାନରଞ୍ଜନ ବିଶ୍ୱାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୬ଷ୍ଠ ବାର୍ଷିକୋତ୍ସବରେ "ସରଳତା" ସମ୍ପର୍କରେ ଧୀରେନ୍ଦ୍ର ପ୍ରଧାନ ଓ ପ୍ରତାପ ଦାସ ଆଲୋଚନା କରିଥିଲେ ।... ୧୪.୧୧.୨୪ରେ ନୂଆବଜାର, ଜଳେଶ୍ୱରସ୍ଥିତ ସୁନୀଲ ପଟ୍ଟନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ସଞ୍ଜୁକ୍ତା ପ୍ରଧାନ, ଧୀରେନ୍ଦ୍ର ପ୍ରଧାନ "ଭବିଷ୍ୟତର ଜୀବନ" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୫.୧୨.୨୪ରେ କାଳିକସ୍ଥିତ ଶୋଭାରାଣୀ ଦେଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ "ଆତ୍ମାର ଆବିଷ୍କାର" ସମ୍ପର୍କରେ ଧୀରେନ୍ଦ୍ର ପ୍ରଧାନ, ଚନ୍ଦନ ବେହେରା ଓ ପ୍ରତାପ ଦାସ ଆଲୋଚନା କରିଥିଲେ ।... ୧୬.୧୨.୨୪ରେ ପଥରପୁରାସ୍ଥିତ କାଳିପଦ ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ "ଚୈତ୍ୟ ଜୀବନ" ସମ୍ପର୍କରେ ପ୍ରଭାରାଣୀ ଦେ ଓ ଧୀରେନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ ।... ୧୬.୨.୨୪ରେ ନୂଆବଜାର, ଜଳେଶ୍ୱରସ୍ଥିତ ସୁଜୟ କୁମାର ଗିରିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ସଞ୍ଜୁକ୍ତା ପ୍ରଧାନ ଓ ସୁଷମା ପରିଡା "ନବଜନ୍ମ" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୭.୧୨.୨୪ରେ ରାଇବଣିଆସ୍ଥିତ ଗଣପତି ଶୁକ୍ଳାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ଧୀରେନ୍ଦ୍ର ପ୍ରଧାନ "ସମଗ୍ର ଜୀବନ ଯୋଗମୟ" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୩.୧୨.୨୪ରେ ଭଣ୍ଡାରୀପଲ୍ଲୀସ୍ଥିତ ରଜନୀ ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ଚ୍ଳ ନିଜକୁ ପ୍ରସ୍ତୁତ କରିବା" ସମ୍ପର୍କରେ ଆଲୋଚନା କରାଯାଇଥିଲା ।

**ଭଦ୍ରକ:-** ... ୨୦.୧୧.୨୪ରେ ବନ୍ଧାଲୋସ୍ଥିତ ସ୍ୱର୍ଗତଃ ସୁଶାନ୍ତ କୁମାର ପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମୃତ୍ୟୁ ପରେ ଆତ୍ମାର ସଦ୍‌ଗତି",

"ଜନ୍ମମୃତ୍ୟୁର ରହସ୍ୟ" ଓ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ସୁବାସ ଚନ୍ଦ୍ର କର, ବିଦ୍ୟାଧର କର ଓ ସନାତନ ଜେନା ଆଲୋଚନା କରିଥିଲେ। ପରିଶେଷରେ ମାନସ ରଞ୍ଜନ ପତି କୃତଜ୍ଞତା ଜ୍ଞାପନ କରିଥିଲେ।... ୨୦.୧୧.୨୪ରେ ବନ୍ଧାଲୋସ୍ଥିତ ସ୍ୱର୍ଗତଃ ଜଗନ୍ନାଥ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ମାନସ ରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗିରଥୀ ସାହୁ ଓ ମାନସ ରଞ୍ଜନ ପତି "ଶ୍ରୀମା'ଙ୍କର ମହାସମାଧି ଦିବସର ତାତ୍ପର୍ଯ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୨.୧୧.୨୪ରେ ଖପୁରୀଆପଦାସ୍ଥିତ ବସନ୍ତ କୁମାର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ମାନସ ରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀମା କିଏ" ଏବଂ "ନୂତନ ଯୁଗର ପ୍ରବର୍ତ୍ତକ ପ୍ରପତ୍ତି"ଙ୍କ ସମ୍ପର୍କରେ ଭରତ ଚନ୍ଦ୍ର ନନ୍ଦ ଆଲୋଚନା କରିଥିଲେ।... ୨୪.୧୧.୨୪ରେ ବାରିକପୁର ଉଚ୍ଚ ବିଦ୍ୟାପୀଠଠାରେ ଭଣ୍ଡାରୀପୋଖରୀ ବ୍ଲକସ୍ତରୀୟ ସପ୍ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବିବର୍ତ୍ତନରେ ନାରୀ", "ଆଧ୍ୟାତ୍ମିକ ଜଗତରେ ନାରୀର ଭୂମିକା" ଓ "ସିଦ୍ଧିଦିବସ" ସମ୍ପର୍କରେ ସସ୍ମିତା ପୋଥାଳ, ସଞ୍ଜୁକ୍ତା ପ୍ରଧାନ, ପ୍ରଦୀପ କୁମାର ଜେନା ଆଲୋଚନା କରିଥିଲେ ଏବଂ ଶେଷରେ ହୃଷିକେଶ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାହାସ ବିହାରୀ ଜେନା, ଅଭିରାମ ଉପାଧ୍ୟାୟ, ପ୍ରେମଲତା ବେହେରା, ଦୀନବନ୍ଧୁ ରାଉତ ଓ ମନୋରଞ୍ଜନ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୨୯.୧୧.୨୪ରେ ଖପୁରୀଆପଦାସ୍ଥିତ ହୃଷିକେଶ ମିଶ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାତୃରୂପେଣ ସଂସ୍ଥିତା" ବିଷୟରେ ଭରତଚନ୍ଦ୍ର ନନ୍ଦ ଆଲୋଚନା କରିଥିଲେ।... ୫.୧୨.୨୪ରେ ବନ୍ଧାଲୋଠାରେ ରବିନ୍ଦ୍ର କୁମାର ସୂତାରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମୃତ୍ୟୁ କାହିଁକି ଆସେ ?" ଏବଂ "ଶ୍ରୀମା'ଙ୍କ ମହାପ୍ରୟାଣ ଦିବସ" ସମ୍ପର୍କରେ ଭରତଚନ୍ଦ୍ର ନନ୍ଦ ଓ ହୃଷିକେଶ ମିଶ୍ର ଆଲୋଚନା କରିଥିଲେ।... ୬.୧୨.୨୪ରେ ଖପୁରୀଆପଦାସ୍ଥିତ ନଟବର ବାରିକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଓଡିଶାରେ ମା'ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୮.୧୨.୨୪ରେ ତଗିରାସ୍ଥିତ ଗୀତାରାଣୀ ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ

ପାଠଚକ୍ର ପି. ହୃଷିକେଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ କବିତାରେ ଅନ୍ତର୍ଜୀବନର ସ୍ୱର" ସମ୍ପର୍କରେ ଗୋଲୋକ ବିହାରୀ ସାହୁ ଏବଂ "ପ୍ରପତ୍ତିଙ୍କ ଜୀବନ ଓ ଦର୍ଶନ" ସମ୍ପର୍କରେ ଭବେଶ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ ଏବଂ ଗୀତାରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।... ୯.୧୨.୨୪ରେ ବନ୍ଧାଲୋସ୍ଥିତ ଲକ୍ଷ୍ମଣ ପଣ୍ଡାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୧୩.୧୨.୨୪ରେ ବନ୍ଧାଲୋସ୍ଥିତ ଗଜେନ୍ଦ୍ର ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ମିତାଞ୍ଜଳୀ ଜେନା, ଭାଗିରଥୀ ସାହୁ, ହୃଷିକେଶ ମିଶ୍ର, ମନୋରଞ୍ଜନ ଜେନା "ମା' ବହିର ୪ର୍ଥ ଅଧ୍ୟାୟ" ପାଠ କରି ଆଲୋଚନା କରିଥିଲେ ।... ୧୬.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଧାଲୋଠାରେ ଅରୋଶ୍ରୀ ନବମ ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଭରତଚନ୍ଦ୍ର ନନ୍ଦ, ସ୍ମିତାଞ୍ଜଳି ଜେନା, ନାରାୟଣ ଦାଶ, ଗଣେଶ ପ୍ରସାଦ ସେଠୀ ଓ ଆରତୀ ରଣା ପରିଚାଳନା କରିଥିଲେ ।

**ମୟୂରଭଞ୍ଜ:-** ନଭେମ୍ବର ୨୯, ୩୦ ଓ ଡିସେମ୍ବର ୧ ତାରିଖ ତିନିଦିନ ଧରି ଆସ୍ଥା ଜୋନସ୍ତରୀୟ ଯୁବ-ଛାତ୍ର ଶିବିର ବ୍ରଜ ମୋହନ ବେହେରା ଓ ନାରାୟଣ ଅଗସ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବ ଜୀବନ ଶିକ୍ଷା ସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ, ସରୋଜ ପଟ୍ଟନାୟକ, କପିଳେନ୍ଦ୍ର ମିଶ୍ର ଓ ବିଶିଷ୍ଟ ବ୍ୟକ୍ତି ଶିବିର ପରିଦର୍ଶନ କରି ଉଦବୋଧନ ଦେଇଥିଲେ ।... ନଭେମ୍ବର ୨୯ ଓ ୩୦ ଦୁଇ ଦିନ ଧରି ବେତନଟୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡା ସମାରୋହକୁ ସଭାପତି ଗୌତମ ବେହେରା ଉଦ୍ଘାଟନ କରିଥିଲେ ।... ୧୦.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବେତନଟୀର ୨୨ତମ ପ୍ରତିଷ୍ଠା ଦିବସ ତଥା ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ।... ଡିସେମ୍ବର ୧୪,୧୫ ଓ ୧୬ ତାରିଖ ତିନିଦିନ ବ୍ୟାପି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, କୁଜିଡ଼ିହିଠାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସମୂହର ଜିଲ୍ଲାସ୍ତରୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଣେଶ ପ୍ରସାଦ ମହାପାତ୍ର, ପ୍ରବୋଧ କୁମାର ମହାପାତ୍ର, ପ୍ରକାଶ କୁମାର ମହାପାତ୍ର ତଥା ଅନେକ ମାତୃପ୍ରେମୀ ଅପାଭାଇ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୫୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ ।... ୧୮.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ଆରୋବିହାର, ଉଦଳାର ବାର୍ଷିକୋତ୍ସବ ଅନୁଷ୍ଠିତ

ହୋଇଯାଇଛି ।... ୨୦.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ବାରିପଦାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅସ୍ଥି ସଲ୍ୟ ବିଭାଗର ପ୍ରଫେସର ମଦନ ମୋହନ ସାହୁ ମୁଖ୍ୟ ଅତିଥି ଭାବେ, କଳ୍ପନା ଷଡ଼ଙ୍ଗୀ, ପ୍ରବୋଧ କୁମାର ମହାପାତ୍ର, କବିତା ରାଣୀ ସିଂ, କଲ୍ୟାଣ କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ ।... ୨୨.୧୨.୨୪ରେ ଖୁଣ୍ଟା ବ୍ଲକର ଧାନଘେରାଠାରେ ନୂତନ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଗଠିତ ହେଲା । ସୁବାସ ଚନ୍ଦ୍ର ସାହୁ, ଭାନୁ ଚରଣ ପାତ୍ର,ଜୟନ୍ତୀ ସର୍ଦ୍ଦାର ଓ ସନ୍ତୋଷ ପାତ୍ର ପ୍ରଭୃତି ଯୋଗ ଦେଇଥିଲେ ।... ୨୫.୧୨.୨୪ରେ ତାରିଖରେ ବାରିପଦା ଦେବେନ୍ଦ୍ରପୁରସ୍ଥିତ ବାରିପଦାଠାରେ ଜିଲ୍ଲା ସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁବାସ ଚନ୍ଦ୍ର ସାହୁ, ଭାନୁ ଚରଣ ପାତ୍ର, ପ୍ରଶାନ୍ତ ମହାପାତ୍ର ପ୍ରଭୃତି ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।

### କୃପା ମଣ୍ଡଳ

**ଢେଙ୍କାନାଳ:-** ୨୯.୧୧.୨୪ରେ ପରଜଙ୍ଗ ବ୍ଲକ୍‌ସ୍ଥିତ ବାବୁଲି ସାମଲ ଓ ବାସନ୍ତୀ ସାମଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ନିତ୍ୟ ନୂତନ ପାଠଚକ୍ରର ୨୩ତମ ବାର୍ଷିକୋତ୍ସବ ବାସନ୍ତୀ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପାଠଚକ୍ରରେ "ଅନ୍ୟମାନେ ତୁମର ଦର୍ପଣ" ଓ "ଯାହାର ମନ ଯେଡ଼େ ତାହାର ପ୍ରଭୁ ତେଡ଼େ" ବିଷୟରେ ରୀନା ଜେନା ଆଲୋଚନା କରିଥିଲେ ।... ୪.୧୨.୨୪ରେ କଙ୍କଡ଼ାହାଡ଼ ସଦରସ୍ଥିତ ବସନ୍ତ ମହାରଣା ଓ ଗୀତାଞ୍ଜଳି ମହାରଣାଙ୍କ ବାସଭବନରେ ଶ୍ରୀଅରବିନ୍ଦ ଶ୍ରଦ୍ଧାମୟୀ ପାଠଚକ୍ରର ୧୨ତମ ବାର୍ଷିକୋତ୍ସବରେ "ଦିବ୍ୟକର୍ମ" ବିଷୟରେ ସୁଲୋଚନା ସାହୁ ଆଲୋଚନା କରିଥିଲେ ।... ୪.୧୨.୨୪ରେ ପରଜଙ୍ଗ ବ୍ଲକ୍‌ସ୍ଥିତ ପଞ୍ଚାନନ ଜେନା ଓ ରୀନା ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ସମର୍ପଣ ପାଠଚକ୍ରର ୧୬ତମ ବାର୍ଷିକୋତ୍ସବ ମାଧୁରୀ ମାଝିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ "ଅଗ୍ରଗତି ପାଇଁ ଆମର ନିଷ୍ଠା କାହିଁକି ରହୁନି ?" ବିଷୟରେ ସୁବାସ ଚନ୍ଦ୍ର କର ଆଲୋଚନା କରିଥିଲେ ।... ୮.୧୨.୨୪ରେ ପରଜଙ୍ଗ ବ୍ଲକ୍‌ସ୍ଥିତ ନିରୁପମା ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ଜ୍ୟୋତିର୍ମୟୀ ପାଠଚକ୍ରର ୧୭ତମ ବାର୍ଷିକୋତ୍ସବ ମାଧୁରୀ ମାଝିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ "ନିଷ୍ଠାପର ଅଭ୍ୟାସ" ବିଷୟରେ ରୀନା ଜେନା ଆଲୋଚନା କରିଥିଲେ ।... ୮.୧୨.୨୪ରେ ଜିଲ୍ଲା ଲେଖକ ସଂସଦ ଭବନ ପରିସରରେ ଶ୍ରୀଅରବିନ୍ଦ ଜିଲ୍ଲା

ପାଠଚକ୍ର ସଙ୍ଗଠନ ତରଫରୁ ଜିଲ୍ଲାସ୍ତରୀୟ ଏକଦିବସୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ "ମା'ଙ୍କ ଆଶୀର୍ବାଦ" ପୁସ୍ତକକୁ ନେଇ ଦଳଗତ ଆଲୋଚନା କରାଯାଇଥିଲା। ସୁଲୋଚନା ସାହୁ ଉପସଂହାର ଓ ସାଙ୍ଗଠନିକ ଆଲୋଚନା କରିଥିଲେ।... ୯.୧୨.୨୪ରେ ସିମିଳିଆ ଗ୍ରାମସ୍ଥିତ ବାସୁଦେବ ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ଚିନ୍ତନ ପାଠଚକ୍ର ନାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ସବିତା ବେହେରାଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ।... ୧୦.୧୨.୨୪ରେ ଯୋରନ୍ଦା ଗ୍ରାମର କାଳନ୍ଦୀଚରଣ ବେହେରା ଓ ଦିପ୍ତୀମୟୀ ବେହେରାଙ୍କ ବାସଭବନରେ ଦିବ୍ୟକରୁଣା ଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକ ଉତ୍ସବ ସବିତା ସାହୁଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ପାଠଚକ୍ରରେ "ଅର୍ଥଶକ୍ତି" ବିଷୟରେ ସୁଲୋଚନା ସାହୁ ଆଲୋଚନା କରିଥିଲେ।... ୧୨.୧୨.୨୪ରେ ରାସୋଳ ଗ୍ରାମସ୍ଥିତ କଳିଙ୍ଗା ସ୍କୁଲଠାରେ ଶ୍ରୀମା ପୂର୍ଣ୍ଣାଙ୍ଗ ଜୀବନ ଶିକ୍ଷା କେନ୍ଦ୍ରର ପ୍ରଥମ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି।... ୧୪.୧୨.୨୪ରେ ଦୁର୍ଗାବଜାରସ୍ଥିତ ବଡ଼ପଣ୍ଡା ସାହି ରଞ୍ଜିତା ସାହୁଙ୍କ ବାସଭବନରେ କରୁଣାମୟୀ ମହିଳା ପାଠଚକ୍ରର ୧୫ତମ ବାର୍ଷିକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ "ମାତୃକାର୍ଯ୍ୟ" ବିଷୟରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୧୬.୧୨.୨୪ରେ କଙ୍କଡ଼ାହାଡ଼ ସଦରସ୍ଥିତ ପାଣ୍ଡବ ବେହେରାଙ୍କ ବାସଭବନରେ ମାତୃଆଶ୍ରିତ ପାଠଚକ୍ର କୁନ୍ତଳା ବେହେରାଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ "ନୂତନ ଜଗତ ପାଇଁ ପ୍ରସ୍ତୁତି" ବିଷୟରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୧୮.୧୨.୨୪ରେ ଢ଼େଙ୍କାନାଳ ଜିଲ୍ଲାର ଦକ୍ଷିଣକାଳୀସ୍ଥିତ ବଳଭଦ୍ର ସାହୁଙ୍କ ବାସଭବନରେ ଶକ୍ତିମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ମାମିନା ସାହୁଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ "କିଏ ଏଇ ମା" ବିଷୟରେ ସୁଲୋଚନା ସାହୁ ଓ ଶ୍ରୀଯୁକ୍ତ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୧୮.୧୨.୨୪ରେ ଭୁବନ ବ୍ଲକ୍‌ର ଧଳପଡ଼ା ପଞ୍ଚାୟତସ୍ଥିତ ଲକ୍ଷ୍ମୀଧରପୁର ଗ୍ରାମରେ କମଳ ସାହୁଙ୍କ ବାସଭବନରେ ଦିବ୍ୟଶକ୍ତି ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକ ଉତ୍ସବ ଅବନ୍ତୀ ସାହୁଙ୍କ ପରିଚ୍ଳନାରେ ଅନୁଷ୍ଠିତ

ହୋଇଯାଇଅଛି । ଏଥିରେ "ଆମ ସମସ୍ୟାର ସମାଧାନ" ବିଷୟରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ ।... ୧୯.୧୨.୨୪ରେ ବଣିଆପଡ଼ା ଗ୍ରାମରେ ମମତା ସାହୁଙ୍କ ବାସଭବନରେ ଚିନ୍ମୟୀ ମହିଳା ପାଠଚକ୍ରର ୨୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପରିବାରରେ ଆଧ୍ୟାତ୍ମିକ ପରିବେଶ" ବିଷୟରେ ସୁଲୋଚନା ସାହୁ ଆଲୋଚନା କରିଥିଲେ ।... ୨୬.୧୨.୨୪ରେ ଲକ୍ଷ୍ମୀଧରପୁରସ୍ଥିତ ନିର୍ମଳ ସାହୁଙ୍କ ବାସଭବନରେ ଶ୍ରୀମା ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ପଦ୍ମିନୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ "ମା' ପୁସ୍ତକର ଦ୍ୱିତୀୟ ଅଧ୍ୟାୟ" ଜୈନେତ୍ରୀ ଦାସ ଆଲୋଚନା କରିଥିଲେ ।

### ଶାନ୍ତି ମଣ୍ଡଳ

**ସୁବର୍ଣ୍ଣପୁର:-** ୧.୧୨.୨୪ରେ ବିନିକା ବ୍ଲକରେ ପାଠଚକ୍ର ସଦଭାବନା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଲଳିତ ମୋହନ ପୂଜାହାରି, ସୁଧାଂଶୁ ଶେଖର ଲୁହା, ନବୀନ କୁମାର ସେଠୀ, ବଲ୍ଲଭି ପ୍ରଧାନ ସମେତ ୧୦ଜଣ ମାତୃ ସନ୍ତାନ ବ୍ଲକର ୧୪ଟି ଶ୍ରୀଅରବିନ୍ଦ ପାଠଚକ୍ର ଭ୍ରମଣ କରି "ମା'ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରତି ସଚେତନତା ବୃଦ୍ଧି" ସମ୍ପର୍କରେ ଆଲୋଚନା କରିଥିଲେ ।... ୩.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଜାଲୋଏଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସମୂହର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ୩୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଉଦଘାଟନୀ ଉତ୍ସବରେ ମହାଦେବ ପଣ୍ଡା, ସୁଧାଂଶୁ ଶେଖର ଲୁହା, ବିଜୟ ପଣ୍ଡା, ମଦନମୋହନ ଦାନୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକେଶ କୁମାର ଭୋଇ ଅଂଶଗ୍ରହଣ କରି "ବିଜ୍ଞାନ ଓ ବର୍ତ୍ତମାନର ଶିଶୁ" ସମ୍ପର୍କରେ ଆଲୋଚନା କରିଥିଲେ ପରିଶେଷରେ ସସ୍ମିତା ଶତପଥୀ କୃତଜ୍ଞତା ଜଣାଇଥିଲେ ।... ଡିସେମ୍ବର ୫, ୬ ଓ ୭ ତିନିଦିନ ବ୍ୟାପୀ ଜିଲ୍ଲାସ୍ତରୀୟ ସଦ୍‌ଭାବନା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବ୍ରଜମୋହନ ବେହେରା, ମଦନ ମୋହନ ଦାନୀ, ଲଳିତ ମୋହନ ପୂଜାହାରି, ସୁଧାଂଶୁ ଶେଖର ଲୁହା, ନବୀନ କୁମାର ସେଠୀ, ମହାଦେବ ପଣ୍ଡା, ପଞ୍ଚାନନ ଛନ୍ଦ ଓ ଅନ୍ୟାନ୍ୟ ମାତୃ ସନ୍ତାନ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରକୁ ବୁଲି "ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଓ ଆଦର୍ଶ" ଉପରେ ଆଲୋଚନା କରିଥିଲେ ।... ୭.୧୨.୨୪ରେ ଡୁଙ୍ଗୁରିପାଲିସ୍ଥିତ କୁବେର

ଗୁରୁଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ପାଠଚକ୍ରରେ ବ୍ରଜମୋହନ ବେହେରା ଯୋଗଦାନ କରି "ଜନ୍ମ ଦିନର ମାହାତ୍ମ୍ୟ" ଓ "ମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଓ ମଣିଷର ଭବିଷ୍ୟତ" ବିଷୟରେ ଆଲୋଚନା କରିଥିଲେ।... ୮.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନାରାୟଣପୁରର ବାର୍ଷିକ ଉତ୍ସବ ଇତିମୟୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ରଜମୋହନ ବେହେରା, ତାପିନି ପଣ୍ଡା ଓ ମଦନମୋହନ ଦାନୀ "ମା'ଶ୍ରୀଅରବିନ୍ଦଙ୍କ ଜୀବନାଦର୍ଶନ" ଓ "ଭାରତୀୟ ସଂସ୍କୃତି" ଉପରେ ଆଲୋଚନା କରିଥିଲେ।

### ସତ୍ୟ ମଣ୍ଡଳ

**କଟକ:-** ୧.୧୨.୨୪ରେ କଟକ ଶ୍ରୀରାମନଗରସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ଅଫ୍ ନିଉ ଥଟ୍‌ଠାରେ ଶ୍ରୀଅରବିନ୍ଦ ଇଂଜିନିୟରିଙ୍ଗ ଓ ଟେକ୍‌ନିକାଲ୍ ଗ୍ରୁପର ବାର୍ଷିକ ସମ୍ମିଳନୀ ଶରତ ଚନ୍ଦ୍ର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳମଣି ଦାସ ସ୍ୱାଗତ ଭାଷଣ, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ମାନସ ରଞ୍ଜନ ରାଉତ "Software management", ଚିନ୍ମୟ ରାଉତ "Cyber safety", ପଦ୍ମଲୋଚନ ପୋଥାଳ "ନିଜେ କର", ନିଶିଥ ରଞ୍ଜନ ରାଉତ "ଚେତନାର ପରିବର୍ତ୍ତନ" ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ ଶାଶ୍ୱତ ପଟ୍ଟନାୟକ କୃତଜ୍ଞତା ଜଣାଇଥିଲେ।... ୭.୧୨.୨୪ରେ ଶକ୍ତିନଗରସ୍ଥିତ ସୁଭଦ୍ରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଏକ ମଧ୍ୟବର୍ତ୍ତୀ ସମୟ" ସମ୍ପର୍କରେ ନୀଳମଣି ପାଣି, ପଦ୍ମଲୋଚନ ପୋଥାଳ ଓ ଯଶସ୍ୱିନୀ ରାୟ ଆଲୋଚନା କରିଥିଲେ।... ୮.୧୨.୨୪ରେ ବାଙ୍କୀସ୍ଥିତ ଅଖିଳ ବୀରବର ହରିଚନ୍ଦନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨୬ତମ ବାର୍ଷିକୋତ୍ସବ ଚନ୍ଦନ ସୁବୁଦ୍ଧିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟ ସାହୁ "ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ", ମହେନ୍ଦ୍ର କୁମାର ପରିଡା ଓ ରମାକାନ୍ତ ମହାପାତ୍ର "ଶ୍ରୀଅରବିନ୍ଦ ପାଠଚକ୍ର ଓ ଆମର ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୫.୧୨.୨୪ରେ ରବିବାର ଦିନ କଟକ ଜିଲ୍ଲା ଅନ୍ତର୍ଗତ ଶ୍ରୀଅରବିନ୍ଦ ପାଠମନ୍ଦିର, ସିଦ୍ଧେଶ୍ୱରପୁରଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଓ ମହିଳା ପାଠଚକ୍ରର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟଯୁଗ ସ୍ଥାପନାରେ ନାରୀ" ପୁସ୍ତକ ପାଠକରି ଆଲୋଚନା କରାଯାଇଥିଲା। ଉକ୍ତ

ସମ୍ମିଳନୀରେ ୨୦୦ ଜଣ ମାତୃପ୍ରେମୀ ଭାଇଭଉଣୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ମନୋରମା ନାୟକ, ଶୋଭାରାଣୀ ଆଚାର୍ଯ୍ୟ, ପଦ୍ମଲୋଚନ ପୋଥାଳ, ନୟନା ମହାନ୍ତି, ଜ୍ୟୋତ୍ସ୍ନାରାଣୀ ଦାଶ, କାଳନ୍ଦି ଚରଣ ସେନାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୧୫.୧୨.୨୪ରେ ପଞ୍ଚମୁଖୀ ବିହାରସ୍ଥିତ ଅର୍ଦ୍ଧେନ୍ଦୁ ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱାଦଶତମ ବାର୍ଷିକୋତ୍ସବ ନୀଳମଣି ପାଣିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସ୍ୱାଧୀନତା ଓ ଶୃଙ୍ଖଳା" ସମ୍ପର୍କରେ ସମରେନ୍ଦ୍ର ରାଉତ, ପଦ୍ମଲୋଚନ ପୋଥାଳ, ରାମକୃଷ୍ଣ ନାୟକ ଓ ପ୍ରସାଦ ତ୍ରିପାଠୀ ଆଲୋଚନା କରିଥିଲେ।

**କେନ୍ଦ୍ରାପଡା:-** ୨୪.୧୧.୨୪ରେ ଡେରାବିଶ ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନରିଲୋଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ଦେବବ୍ରତ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମକୃଷ୍ଣ ଦାସ ଙ୍କ ରଚନା ସଂଗ୍ରହ ତୃତୀୟ ଖଣ୍ଡ ରୁ କିଛି ରାଜକିଶୋର ମହାନ୍ତି, ଅଞ୍ଜନା ପ୍ରଧାନ, ଚିତ୍ତରଞ୍ଜନ ଦାସ ଓ ଉର୍ମିଳା ରାଉତ ପାଠ କରି ଆଲୋଚନା କରିଥିଲେ। ଏବଂ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ପୂର୍ଣ୍ଣଯୋଗ ପୀଠ, ଖୁରୁସିଆଠାରେ ସିଦ୍ଧି ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ରବୀନ୍ଦ୍ର ନାଥ ସୂତାରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନଙ୍ଗ କୁମାର ମହାପାତ୍ର, ପ୍ରମୋଦ କୁମାର ମିଶ୍ର ଓ ଜନ୍ମେଜୟ ପ୍ରଧାନ "ସିଦ୍ଧି ଦିବସ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୨୫.୧୧.୨୪ରେ ପୂର୍ଣ୍ଣଯୋଗପୀଠ ଖୁରୁସିଆଠାରେ ସ୍ୱର୍ଗତଃ ବିଜୟ କୁମାର ମହାପାତ୍ରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୋତ୍ସବ ଉପଲକ୍ଷେ ଶ୍ରୀଅରବିନ୍ଦ ପାଠଚକ୍ର ରବୀନ୍ଦ୍ର ନାଥ ସୂତାରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବାସୁଦେବ ନାୟକ, ପଞ୍ଚାନନ ସାହୁ ଓ ବିଧାନ ଚନ୍ଦ୍ର ସ୍ୱାଇଁ ବକ୍ତା ଭାବେ ଯୋଗଦାନ କରିଥିଲେ।... ୨୭.୧୧.୨୪ରେ ପାତ୍ରଗଡସ୍ଥିତ ନଳିନୀକାନ୍ତ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱାଦଶ ବାର୍ଷିକୋତ୍ସବ ଜଗନ ମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟନା ବେହେରା, ରାଜ କିଶୋର ମହାନ୍ତି ଓ ଉର୍ମିଳା ରାଉତ "ସାଧାରଣ ଜୀବନ ଓ ଦିବ୍ୟ ଜୀବନ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୨୮.୧୧.୨୪ ରେ ବେଲତାଳସ୍ଥିତ ଶୈଳବାଳା ନନ୍ଦଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ମିନତୀ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବିନାରାୟଣ

ମହାନ୍ତି, ଅଞ୍ଜନା ପ୍ରଧାନ, ବିଜୟ ମହାନ୍ତି "ମାଆଙ୍କୁ କିପରି ଭଲ ପାଇବା" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୧.୧୨.୨୪ରେ ଆଇତିପୁରସ୍ଥିତ ମମତା ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ବଙ୍କିମ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଳୟ କୁମାର ଜେନା, ଅଞ୍ଜନା ପ୍ରଧାନ, ଜନ୍ମେଜୟ ପ୍ରଧାନ ଓ ଭଗବତୀ ପ୍ରସାଦ ଦାସ "ବିଶ୍ୱାସ ଓ ନିର୍ଭରତା" ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲ୍ଲାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।... ୫.୧୨.୨୪ରେ ଶ୍ରୀଅରବିନ୍ଦ ସାଧନାପୀଠ, ଆଳୀଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉର୍ମିଳା ରାଉତ "ଡିସେମ୍ବର ୫ ଦିବସର ତାତ୍ପର୍ଯ୍ୟ" ଏବଂ ଭବେଶ ଚନ୍ଦ୍ର ସାହୁ "ସେ ଆମ ପାଇଁ ସବୁ ସିଦ୍ଧ କରିଛନ୍ତି" ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏବଂ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ପୂର୍ଣ୍ଣଯୋଗ ପୀଠଠାରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସରେ ଏକ ସ୍ୱତନ୍ତ୍ର ପାଠଚକ୍ର ଜଗନ ମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସୁଦେବ ନାୟକ "ଡିସେମ୍ବର ୫ ଦିବସର ତାତ୍ପର୍ଯ୍ୟ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୬.୧୨.୨୪ରେ ଇନ୍ଦୁପୁର ଧୂମାତ ଗ୍ରାମରେ ଶୁଧାଂଶୁବାଳା ଦାସଙ୍କ ବାସଭବନରେ ସ୍ୱର୍ଗତଃ ଗୋଲେଖ ଚନ୍ଦ୍ର ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏବଂ ପୁରୁଷୋତ୍ତମପୁରସ୍ଥିତ ବିଧାନ ଚନ୍ଦ୍ର ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ରାଜକିଶୋର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବେଶ ଚନ୍ଦ୍ର ସାହୁ, ଉର୍ମିଳା ରାଉତ ଓ ପିତାମ୍ବର ମଲ୍ଲ "ଦିବ୍ୟ ଶରୀରରେ ଦିବ୍ୟ ଜୀବନ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୭.୧୨.୨୪ରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜଜାଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୟନା ବେହେରାଙ୍କ ପରିଚାଳନାରେ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ରମାନ ଅନୁଷ୍ଠିତ ହୋଇଯାଇଛି।... ୮.୧୨.୨୪ରେ ବରକନ୍ଧା ଗ୍ରାମସ୍ଥ ଅରୋମୀରା ସାଧନା ପୀଠଠାରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ରର ୩୭ତମ ବାର୍ଷିକୋତ୍ସବ ଓ କୁଜଙ୍ଗ ୟୁନିଟର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନ୍ମେଜୟ ପ୍ରଧାନ, ପ୍ରମୋଦ କୁମାର ମିଶ୍ର ଓ ମାଗୁଣି ଚରଣ ଦାସ "ମାତୃ ରଚନାବଳୀ ତୃତୀୟ ଖଣ୍ଡ" ର ପୃଷ୍ଠା ୩୬ ରୁ ୪୩ ପର୍ଯ୍ୟନ୍ତ ଆଲୋଚନା କରିଥିଲେ।

ଏବଂ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁଳସାହି ଗ୍ରାମସ୍ଥ ପ୍ରଶାନ୍ତ କୁମାର ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱିତୀୟ ବାର୍ଷିକୋତ୍ସବ ପିତାମ୍ବର ମଲ୍ଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ବିହାରୀ ବ୍ରହ୍ମ, ରାଜ କିଶୋର ମହାନ୍ତି ଓ ଉର୍ମିଳା ରାଉତ "ଶ୍ରୀଅରବିନ୍ଦଙ୍କ ଯୋଗରେ ଦିବ୍ୟ ମନୁଷ୍ୟ ହେବାକୁ ପ୍ରୟାସ" ପ୍ରସଙ୍ଗର ଆଲୋଚନା କରିଥିଲେ।... ୧୨.୧୨.୨୪ରେ ଜଜାଙ୍ଗ ସ୍ଥିତ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ରର ଦ୍ୱାଦଶତମ ବାର୍ଷିକୋତ୍ସବରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଜନ୍ମେଜୟ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉର୍ମିଳା ରାଉତ, ଡା. ଧନେଶ୍ୱର ପ୍ରଧାନ ଓ ଲୀଳାବତୀ ବେହେରା "ସାଧନା" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୧୫.୧୨.୨୪ରେ ଖଡିଅଙ୍ଗସ୍ଥିତ ଡା. ଧନେଶ୍ୱର ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୯ତମ ବାର୍ଷିକ ଉତ୍ସବ ସନ୍ତୋଷ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସାଦ ତ୍ରିପାଠୀ "ବାର୍ଷିକ ଉତ୍ସବ କାହିଁକି ପାଳନ କରିବା", ଶ୍ରୀପତି ନାୟକ "ନିମ୍ନ ପ୍ରକୃତି ଓ କ୍ରୋଧ ଉପରେ ବିଜୟ" ଏବଂ ମହେନ୍ଦ୍ର ନାଥ ସ୍ୱାଇଁ "ଭାଗ୍ୟର ଭାଷା" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୧୮.୧୨.୨୪ରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୦ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।

**କେନ୍ଦୁଝରଃ-** ୮.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଡୁଡୁଗାଁର ୬ଷ୍ଠ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଫକୀର ଚରଣ ଶଙ୍ଖୁଆ "ଆଦର୍ଶ ଶିଶୁ" ସମ୍ପର୍କରେ ଆଲୋଚନା କରିଥିଲେ।... ୮.୧୨.୨୪ରେ ଅଣାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ସନାତନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସୃଷ୍ଟି ଓ ସ୍ରଷ୍ଟା" ଓ "ଦିବ୍ୟସମାଜ ଗଠନରେ ନାରୀର ଭୂମିକା" ଏବଂ "ଦିବ୍ୟପ୍ରେମ ଓ ଏହାର ରହସ୍ୟ" ସମ୍ପର୍କରେ ଅନନ୍ତ ଚରଣ ଖୁଣ୍ଟିଆ, ଅଜୟ କୁମାର ପଲେଇ ଓ ବୃନ୍ଦାବନ ବାଇ ଆଲୋଚନା କରିଥିଲେ। ... ୯.୧୨.୨୪ରେ ଶ୍ରୀଅରବିନ୍ଦ ସାଧନାପୀଠ, ବେଲବାହାଳୀଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୃନ୍ଦାବନ ବାଇ "ପରମପ୍ରଭୁଙ୍କ ପ୍ରତି ଆମର କୃତଜ୍ଞତା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୦.୧୨.୨୪ରେ ବଡଏକତାଳିସ୍ଥିତ ଗୀତାଞ୍ଜଳି ସାହୁଙ୍କ ବାସଭବନରେ ସ୍ୱର୍ଗତଃ ସାବିତ୍ରୀ ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ

"ଜୀବନର ରହସ୍ୟ" ଏବଂ "ସୃଷ୍ଟି ଓ ସ୍ରଷ୍ଟା" ସମ୍ପର୍କରେ ବୃନ୍ଦାବନ ବାଇ ଓ ଅନନ୍ତ ଚରଣ ଖୁଣ୍ଟିଆ ଆଲୋଚନା କରିଥିଲେ।... ୧୦.୧୨.୨୪ରେ ଚମର୍ଜା ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀମାଶ୍ରୀଅରବିନ୍ଦଙ୍କ ପୃଥିବୀପୃଷ୍ଠରେ ଆବିର୍ଭାବର ରହସ୍ୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୨୫.୧୨.୨୪ରେ ଶ୍ରୀଅରବିନ୍ଦ ସାଧନାପୀଠ, ବେଲବାହାଲୀଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୬ତମ ବାର୍ଷିକୋତ୍ସବ ଗୀତାଞ୍ଜଳି ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମୁଁ କିଏ", "ଆମେ ଦୁଃଖ ଯନ୍ତ୍ରଣା ଭୋଗ କରୁ କାହିଁକି ?" ଏବଂ "ଯଥାର୍ଥ ମନୋଭାବ" ସମ୍ପର୍କରେ ଅନନ୍ତ ଚରଣ ଖୁଣ୍ଟିଆ, ଅଜୟ କୁମାର ପଲେଇ ଓ ଅଜୟ କୁମାର ସାହୁ ଆଲୋଚନା କରିଥିଲେ।

**ଯାଜପୁର:-** ୩୦.୧୧.୨୪ରେ ଧବଳଗିରିସ୍ଥିତ ଗଦାଧର ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ବନମାଳୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଆମେ କାହିଁକି ଶ୍ରୀଅରବିନ୍ଦ ପାଠଚକ୍ରରେ ଯୋଗଦେବା" ସମ୍ପର୍କରେ ସସ୍ମିତା ପୋଥାଳ, ଧରିତ୍ରୀ ରାଉତ, ସଦାଶିବ ନାୟକ ଓ କୈଳାସ ଚନ୍ଦ୍ର କୁଅଁର ଆଲୋଚନା କରିଥିଲେ।... ଡିସେମ୍ବର ୫ ରୁ ୮ ପର୍ଯ୍ୟନ୍ତ ମାତୃଶିକ୍ଷାକେନ୍ଦ୍ର, ତାହାରପୁରଠାରେ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ, ଆଲୋକ ସେନା ଓ ଶ୍ରୀଅରବିନ୍ଦ କଳା ପରିଷଦ ବାର୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ "କ୍ରୀଡାର ଯଥାର୍ଥ ମନୋଭାବ" ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଦାଶିବ ନାୟକ, କୈଳାସ ଚନ୍ଦ୍ର କୁଅଁର, ରବିପ୍ରସାଦ ସାମଲ, ବନମାଳୀ ଆଚାର୍ଯ୍ୟ, ପୁରୁଷୋତ୍ତମ ନାୟକ, କହ୍ନେଇ ଚରଣ ପୃଷ୍ଟି, ଧରିତ୍ରୀ ରାଉତ, ଦେବାନନ୍ଦ ସାହୁ ତଥା ଅନେକ ଅପାଭାଇ ଯୋଗଦାନ କରିଥିଲେ।... ୮.୧୨.୨୪ରେ ବଡଚଣା ବ୍ଲକ ଅନ୍ତର୍ଗତ ବନ୍ଧାଳୋଠାରେ ଜ୍ଞାନରଞ୍ଜନ ମହାରଣାଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ବଂଶୀଧର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି କରିବା" ସମ୍ପର୍କରେ ଅଜୟ ବାରିକ ଓ ପ୍ରକାଶ କୁମାର ବେହେରା ଆଲୋଚନା କରିଥିଲେ।... ୯.୧୨.୨୪ରେ ଯାଜପୁର ମ୍ୟୁନସିପାଲଟି ଅନ୍ତର୍ଗତ ଦେବେନ୍ଦ୍ର ସେନାପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ କହ୍ନେଇଚରଣ

ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଯୋଗମାର୍ଗରେ ବାଧା" ସମ୍ପର୍କରେ ହେମଲତା ବେହେରା, ଆନନ୍ଦ ଚନ୍ଦ୍ର ମହାନ୍ତି, ରବିପ୍ରସାଦ ସାମଲ ଓ କହ୍ନେଇ ଚରଣ ପୃଷ୍ଟି ଆଲୋଚନା କରିଥିଲେ ।... ୧୮.୧୨.୨୪ରେ ରଣପାଳସ୍ଥିତ ପ୍ରେମାନନ୍ଦ ପାଲଙ୍କ ବାସଭବନରେ ମାତୃଛାୟା ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା" ସମ୍ପର୍କରେ ସସ୍ମିତା ପୋଥାଳ ଓ କୈଳାସ ଚନ୍ଦ୍ର କୁଅଁର ଆଲୋଚନା କରିଥିଲେ ।... ୧୯.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃନିଳୟ, ଛତିଆଠାରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାଗ୍ୟଧର ସାମଲ, ସୌମ୍ୟରଞ୍ଜନ ସ୍ୱାଇଁ, ଶତ୍ରୁଘ୍ନ ପ୍ରଧାନ, ରବୀନ୍ଦ୍ରନାଥ ସୂତାର, ଅଭିରାମ ଦାସ ଓ ବଂଶୀଧର ରାଉତ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୨୦୦ ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।... ୨୨.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରଗଡିଠାରେ ପଶ୍ଚିମ ଯାଜପୁର ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ସମ୍ମିଳନୀ ବନମାଳୀ ଆଚାର୍ଯ୍ୟଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପୃଥିବୀ ଏକ ବିପୁଳ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି" ସମ୍ପର୍କରେ ଗୌତମ ଖଟୁଆ, ବିଦ୍ୟାଧର ବେହେରା, ନିରୁପମା ନାୟକ, ଶାନ୍ତନୁ ମିଶ୍ର, କୈଳାସ ଚନ୍ଦ୍ର କୁଅଁର ଓ ସଦାଶିବ ନାୟକ ଆଲୋଚନା କରିଥିଲେ ।

**ଜଗତସିଂହପୁର:-** ୧.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପଦ୍ମପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନ" ସମ୍ପର୍କରେ ପ୍ରବୀର କୁମାର ସ୍ୱାଇଁ, ସୁରେସନ ସ୍ୱାଇଁ, କ୍ଷୀରୋଦ କୁମାର ସେଠୀ, ଗୋବର୍ଦ୍ଧନ ସାହୁ, ସସ୍ମିତା ଦାସ, ସୁଭାସ ଚନ୍ଦ୍ର ସେଠୀ ପ୍ରମୁଖ ଆଲୋଚନା କରିଥିଲେ ।... ଡିସେମ୍ବର ୯ ରୁ ୧୧ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ଶ୍ରୀଅରବିନ୍ଦ ନିବାସ, ଜଗତସିଂହପୁର ଆନୁକୂଲ୍ୟରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ୫୫ତମ ବାର୍ଷିକୋତ୍ସବ ଏବଂ ଜିଲ୍ଲା ସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦାନ କରିଥିଲେ । ଉକ୍ତ ସମ୍ମିଳନୀର ବିଭିନ୍ନ ଅଧିବେସନଗୁଡିକରେ "ଚେତନାର କ୍ରମ ଉତ୍ତରଣ", "ପୂର୍ଣ୍ଣଯୋଗର ମୂଳକଥା", "ପୂର୍ଣ୍ଣଯୋଗର ଶେଷ

ପର୍ଯ୍ୟାୟ", "ନବସୃଷ୍ଟିର ବିଧାୟିକା ନାରୀ", "ଦିବ୍ୟ ଉପସ୍ଥିତି", "ମା'ଙ୍କ ଯଥାର୍ଥ ସନ୍ତାନ", "ପ୍ରାର୍ଥନା ଏକ ଶକ୍ତି", "ସମସ୍ୟାକୁ କିଭଳି ସମ୍ମୁଖୀନ ହେବା" ଇତ୍ୟାଦି ବିଷୟରେ ପ୍ରଭାତ କୁମାର ନାୟକ, ଭବେଶ ଚନ୍ଦ୍ର ସାହୁ, ଡ. ଶ୍ୟାମା କାନୁନଗୋ, ସୂର୍ଯ୍ୟକାନ୍ତ ମହାରଣା, ଡ. ବିଜୟିନୀ ମହାପାତ୍ର, ମମତା ଦାଶ, ଉର୍ମିଳା ରାଉତ, ପ୍ରସାଦ ତ୍ରିପାଠୀ, ଡ. ବିରଞ୍ଚିନାରାୟଣ ମହାପାତ୍ର ଆଲୋଚନା କରିଥିଲେ । ଏବଂ ଅପରାହ୍ଣ ଅଧିବେଶନରେ ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ଆଲୋଚନା ଏବଂ ସମ୍ପୃକ୍ତ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା ।... ୯.୧୨.୨୪ରେ ଶ୍ରୀଅରବିନ୍ଦ ପାଠଚକ୍ର ବାଲିସାହିର ୪୬ତମ ପ୍ରତିଷ୍ଠା ଦିବସ ଏବଂ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଧ୍ରୁବ ଚରଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ଉଦ୍ଦେଶ୍ୟ" ଓ "ମଣିଷ ସମାଜ ଓ ଶ୍ରୀଅରବିନ୍ଦ" ସମ୍ପର୍କରେ ସୁବାସ ଚନ୍ଦ୍ର କର, କପିଳେନ୍ଦ୍ର ମିଶ୍ର, ବାସୁଦେବ ନାୟକ ଏବଂ ସବିତା ତ୍ରିପାଠୀ ଆଲୋଚନା କରିଥିଲେ ।... ୧୨.୧୨.୨୪ରେ ତିର୍ତ୍ତୋଲସ୍ଥିତ ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମଠାରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସମାଧି" ସମ୍ପର୍କରେ ପ୍ରମୋଦ କୁମାର ଦାସ, ମନୋଜ କିଶୋର ମନୋହାରୀ, ରେବତୀ କର, ପଞ୍ଚାନନ ସାହୁ, ହେମନ୍ତ ଦାସ, ମୀରାରାଣୀ ଦାସ, ପ୍ରଭୁ କୁମାର ଦାସ, ରବିନ୍ଦ୍ର କୁମାର ରାଉତ ପ୍ରମୁଖ ଆଲୋଚନା କରିଥିଲେ ।... ୧୫.୧୨.୨୪ରେ କୋଲଦିଆଠାରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀମାଶ୍ରୀଅରବିନ୍ଦଙ୍କ ଦର୍ଶନ" ସମ୍ପର୍କରେ ପ୍ରସାଦ ତ୍ରିପାଠୀ, ପଞ୍ଚାନନ ସାହୁ, ଅଶୋକ କୁମାର ରାଉତ, ପଦ୍ମଲୋଚନ ଦାସ ଓ ସୁଧାଂଶୁ ଶେଖର ଆଲୋଚନା କରାଯାଇଥିଲେ ।... ୨୨.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପିପଳମାଧବଠାରେ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରଭୁ ଆଚାର୍ଯ୍ୟଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସମର୍ପଣ ଓ ବାଧାବିଘ୍ନ" ସମ୍ପର୍କରେ ବାସୁଦେବ ନାୟକ, ପଞ୍ଚାନନ ସାହୁ, ସୁଲୋଚନା ନାୟକ ପ୍ରମୁଖ ଆଲୋଚନା କରିଥିଲେ ।

### ସମତା ମଣ୍ଡଳ

**ସୁନ୍ଦରଗଡ଼:–** ନଭେମ୍ବର ୨୧, ୨୩, ୨୪, ୨୬, ୨୭ ଓ ଡିସେମ୍ବର ୧, ୫, ୯, ୧୩, ୧୪, ରେ ଡୁଡୁକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝୁଲେନଡିହି, ପତ୍ରପାଲିସ୍ଥିତ

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଲିଚୂଆଁ, ଆଉଁଲାବାହାଲ, ଦିଆମୁଣ୍ଡାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଲେଫ୍ରିପଡା, ନାକଡିହି, ବାଲିଚୁଆଁ, ଦରଲିପାଲି, କଲୋବାହାଲ, ଅଲଙ୍ଗପାଣି ଆଦି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁଦାମ ଚରଣ ପଟେଲ, ଆରତୀ ପଟେଲ, ଶ୍ରୀରାମ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।... ନଭେମ୍ବର ୨୯ ଓ ୩୦ ତାରିଖରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।

## ସମର୍ପଣ ମଣ୍ଡଳ

**କଳାହାଣ୍ଡି:-** ୨୦.୧୧.୨୪ରେ ଧର୍ମଗଡସ୍ଥିତ ଲୋକେଶ୍ୱର ଭାଇଙ୍କ ବାସଭବନରେ ଗୃହ ପ୍ରତିଷ୍ଠା ଉପଲକ୍ଷେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୨୪.୧୧.୨୪ରେ ଧର୍ମଗଡଠାରେ ସିଦ୍ଧିଦିବସ ଉପଲକ୍ଷେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ କମଳାକାନ୍ତ ସାହୁ, ମାଳବିକା ପଣ୍ଡା ଓ ଗୋପୀଚନ୍ଦ ବାଗ୍ ଅଂଶଗ୍ରହଣ କରିଥିଲେ ।

**କୋରାପୁଟ:-** ୧.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନକୁଲଗୁଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ ନୀଳମାଧବ ମିଶ୍ର ଓ ଗୀତାଞ୍ଜଳି ବେହେରା ଅଂଶଗ୍ରହଣ କରିଥିଲେ ।... ୫.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନକୁଲଗୁଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଆଗମନର ଉଦ୍ଦେଶ୍ୟ" ସମ୍ପର୍କରେ ଦାଶରଥି ମାଝୀ, ନୀଳମାଧବ ମିଶ୍ର, ଅମିତ ବିଷୋୟୀ, ଗୋପାଳ ମାଝୀ, ଅନୀଲ ସାମନ୍ତରାୟ ପ୍ରମୁଖ ଆଲୋଚନା କରିଥିଲେ । ଉକ୍ତ ଦିବସରେ ବିଦ୍ୟାଧର ପୂଜାରୀ, ଚିତ୍ରସେନ ମାଳି, ହରି କମାରଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ଡିସେମ୍ବର ୫ ଓ ୨୨ ତାରିଖରେ ଅଦିତି ଅରୋହୀ ଆଶ୍ରମ, ଡାନୀଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦାଶରଥି ମାଝି, ଅମିତ ବିଷୋୟୀ, ଶାନ୍ତିଲତା ମିଶ୍ର ଓ ସସ୍ମିତା ମିଶ୍ର ଅଂଶଗ୍ରହଣ କରିଥିଲେ ।... ୬.୧୨.୨୪ରେ ବଡପରଜା ସାହିସ୍ଥିତ ଯଦୁରାମ ମୁଦୁଲିଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଆମେ ପାଠଚକ୍ର କରିବା କାହିଁକି" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ଡିସେମ୍ବର ୫ ରୁ ୯ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ଇନ୍ଦୁମତି ମହାନ୍ତି "ଶ୍ରୀଅରବିନ୍ଦ ଭବିଷ୍ୟତକାଳର ଭବିଷ୍ୟତର ବାର୍ତ୍ତାବହ", କମଳାକାନ୍ତ

ମହାନ୍ତି "ଶ୍ରୀଅରବିନ୍ଦଙ୍କ ଯୋଗ ସମର୍ପଣରେ ହିଁ ଶେଷ", ମମତା ସାମଲ "କୃତଜ୍ଞତା", ରୀନା ଅପା "ଆନ୍ତରିକତା-ଭଗବତ ଦ୍ୱାରର ଚାବିକାଠି" ଏବଂ ହରିହର ସାହୁ "ଆସ, ଶ୍ରୀଅରବିନ୍ଦଙ୍କ ଶିକ୍ଷାର ଜୀବନ୍ତ ଉଦାହରଣ ହୋଇଉଠିବା" ସମ୍ପର୍କରେ ଆଲୋଚନା କରିଥିଲେ।...ଡିସେମ୍ବର ୫ ଓ ୯ ତାରିଖ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋଲାବନଗରଠାରେ ଶ୍ରୀଅରବିନ୍ଦ ମହାପ୍ରୟାଣ ଦିବସ ଓ ମହାସମାଧି ଦିବସରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଦିବାକର ଲେଙ୍କା ଅଂଶଗ୍ରହଣ କରିଥିଲେ।... ଡିସେମ୍ବର ୫ ଓ ୯ ତାରିଖରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋଟପାଡଠାରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ ଓ ମହାସମାଧି ଦିବସ ପାଳନ ଅବସରରେ ସଚ୍ଚିଦାନନ୍ଦ ରଥ "ମୃତ୍ୟୁ ଉପରେ ବିଜୟର ଚାରି ସୂତ୍ର" ସମ୍ପର୍କରେ ଆଲୋଚନା କରିଥିଲେ।... ଡିସେମ୍ବର ୫ ଓ ୯ ତାରିଖରେ ଶ୍ରୀଅରବିନ୍ଦ କେନ୍ଦ୍ରୀୟ ପାଠଚକ୍ର ଦାମନଯୋଡିଠାରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ ଓ ମହାସମାଧି ଦିବସ ପାଳନ ଅବସରରେ ସସ୍ମିତା ମିଶ୍ର ଓ ମନୋରଞ୍ଜନ ମିଶ୍ର ଅଂଶଗ୍ରହଣ କରିଥିଲେ।... ୮.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରାଜୁ ସାହିର ୨୪ତମ ବାର୍ଷିକୋତ୍ସବ କରସୁଧା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାନ୍ତ କୁମାର ପରିଡା ସ୍ୱାଗତ ଭାଷଣ ଏବଂ ଉମାଶଙ୍କର ଆଚାରୀ, ପଞ୍ଚାନନ ମିଶ୍ର, ସୂର୍ଯ୍ୟନାରାୟଣ ରଥ, ନବକୃଷ୍ଣ ରଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୯.୧୨.୨୪ରେ ଶ୍ରୀଅରବିନ୍ଦ ଭବନ, ଜୟପୁରଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ଚତୁଃପଞ୍ଚାଶତ୍ତମ ପ୍ରତିଷ୍ଠା ଦିବସ ନୀଳମାଧବ ମିଶ୍ରଙ୍କ ପରିଚାଳନାରେ ପାଳିତ ହୋଇଯାଇଛି। ଏଥିରେ "ଜ୍ଞାନଯୋଗର ଆଦ୍ୟପର୍ବ", "ଏକ ସୁସଙ୍ଗ୍ ପାଠଚକ୍ର", "ବିଶ୍ୱାସର ବିସ୍ମୟ" ଓ "All we owe to Thee" ପ୍ରସଙ୍ଗରେ ହେମଲତା ଦିଶାରୀ, ଅନୀଲ ସାମନ୍ତରାୟ ଓ ସନ୍ତୋଷ କୁମାର ଗାହାଣ ଆଲୋଚନା କରିଥିଲେ। ଶେଷରେ ଉମାଶଙ୍କର ଆଚାରି ସ୍ୱାଗତ ଭାଷଣ ଏବଂ ପ୍ରଶାନ୍ତ କୁମାର ପରିଡା କୃତଜ୍ଞତା ଅର୍ପଣ କରିଥିଲେ। ଏତଦ୍‌ବ୍ୟତୀତ ଡିସେମ୍ବର ମାସରେ Online ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଶ୍ରୀଅରବିନ୍ଦ ପାଠଚକ୍ରରେ "ତୈତ୍ତରୀୟ" ଉପନିଷଦ ବିଷୟରେ ମଧୁସୂଦନ ମହାପାତ୍ର ଆଲୋଚନା କରିଥିଲେ।... ଡିସେମ୍ବର ୧୦ ଓ ୧୧ ତାରିଖ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋଲାବନଗରଠାରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।... ୧୫.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ

ଶିକ୍ଷାକେନ୍ଦ୍ର, ରାଜୁସାହିଠାରେ ଶ୍ରୀଅରବିନ୍ଦ ଲିଗାଲ ୟୁନିଟ୍‌ର ଜିଲ୍ଲାସ୍ତରୀୟ ବାର୍ଷିକ ବୈଠକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତେଜେଶ୍ୱର ପଣ୍ଡା "ଆମ୍ଭମାନଙ୍କର ଅଧିକାର ଓ କର୍ତ୍ତବ୍ୟ", ସୁରେନ୍ଦ୍ରନାଥ ଦାଶ "ଆଇନ ପରିଷଦର ଦାୟିତ୍ୱ ଓ କର୍ତ୍ତବ୍ୟ" ବିଷୟରେ ଆଲୋଚନା କରିଥିଲେ। ପରିଶେଷରେ କମଳାକାନ୍ତ ମହାନ୍ତି କୃତଜ୍ଞତା ଜ୍ଞାପନ କରିଥିଲେ।... ୨୦.୧୨.୨୪ରେ ଶ୍ରୀଅରବିନ୍ଦ ଯୋଗାଳୟ, କୋଟପାଡଠାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ବିନୋଦ ବିହାରୀ ଦାସଙ୍କ ପରିଚାଳନାରେ ପାଳିତ ହୋଇଯାଇଛି। ଏଥିରେ ହରେକୃଷ୍ଣ ପ୍ରଧାନ "Our Infinite Gratitude" ଏବଂ ସୁଧିରାଜ ରାଉତ "ଅଗ୍ନି ଓ ଦିବ୍ୟ ସଙ୍କଳ୍ପ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୩.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଦାମନଯୋଡିଠାରେ ୨୯ତମ ବାର୍ଷିକୋତ୍ସବ ଅକ୍ଷୟ କୁମାର ପତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିତେନ୍ଦ୍ର କୁମାର ତ୍ରିପାଠୀ ଓ ଅମିତା ରାୟ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ କମଳାକାନ୍ତ ସାହୁ ବିବରଣୀ ପାଠ କରିଥିଲେ।

**ରାୟଗଡା:-** ୧୫.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାରିଝୋଲାଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପାଭାଇମାନଙ୍କ କ୍ରୀଡା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି।... ୨୧.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାରିଝୋଲାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟଙ୍କଧର ବେହେରା "ଶ୍ରୀଅରବିନ୍ଦଙ୍କ ଶିକ୍ଷା" ଓ ଯୋଗେନ୍ଦ୍ର ନାରାୟଣ ଦେଓ "ଦେହାଂଶ ପ୍ରତିଷ୍ଠାର ତାତ୍ପର୍ଯ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୨.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜେ.କେ.ପୁରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।

**ମାଲକାନଗିରି:-** ୫.୧୨.୨୪ରେ ମାଲକାନଗିରିସ୍ଥିତ ଅରୋଦୀପ ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୦.୧୨.୨୪ରେ ନର୍ସରୀ ରୋଡଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଗୃହରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୭.୧୨.୨୪ରେ ମାଲକାନିଗିରିସ୍ଥିତ ରଘୁନାଥଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।

**ନବରଙ୍ଗପୁରः-** ୩.୧୧.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତୁରୁଡିହିଠାରେ ଜିଲ୍ଲାସ୍ତରୀୟ ଦଶକର୍ମଧାରା ଅନ୍ତର୍ଗତ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍ କାର୍ଯ୍ୟକ୍ରମ ପ୍ରଫୁଲ୍ଲ ଭୂୟାଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପ୍ରାଥମିକ ଚିକିତ୍ସା ଓ ସୁମନ୍ ସ୍ୱେଚ୍ଛାସେବୀ" ସମ୍ପର୍କରେ ଅମରେଶ୍ୱରୀ ପଟ୍ଟନାୟକ, "ଚିକିତ୍ସା କ୍ଷେତ୍ରରେ ଆୟୁର୍ବେଦର ଭୂମିକା" ସମ୍ପର୍କରେ ନବୀନ ଚନ୍ଦ୍ର ଦିଶାରୀ, "ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ଓ ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା" ସମ୍ପର୍କରେ ମିହିର କୁମାର ସେଠୀ ଆଲୋଚନା କରିଥିଲେ । ସୁରେଶ ମିଶ୍ର ସାଙ୍ଗଠନିକ ବିବରଣୀ ଏବଂ ବାବୁଲ ମଣ୍ଡଳ କୃତଜ୍ଞତା ପ୍ରଦାନ କରିଥିଲେ ।... ୧୧.୧୧.୨୪ରେ ଶ୍ରୀଅରବିନ୍ଦ ଆଶ୍ରମ, ଉମରକୋଟଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ୨୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଳବିକା ପଣ୍ଡା ଓ ସନ୍ତୋଷ କୁମାର ଗାହାଣ ବକ୍ତା ରୂପେ ଅଂଶଗ୍ରହଣ କରିଥିଲେ ।... ୧୨.୧୧.୨୪ରେ ଉମରକୋଟଠାରେ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୧୨.୧୧.୨୪ରେ ରାଇଘରସ୍ଥିତ ଦିଲୀପ ଖଟୁଆଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୧୫.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାପଡାହାଣ୍ଡିଠାରେ ଦଶକର୍ମଧାରା ଅନ୍ତର୍ଗତ ଶିକ୍ଷା ଓ ଗବେଷଣା ପରିଷଦର ବାର୍ଷିକୋତ୍ସବ ସି. ଏଚ୍. ଉଷାରାଣୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଓ ଆଦର୍ଶ" ସମ୍ପର୍କରେ ଦଳଗତ ଆଲୋଚନା କରାଯାଇଥିଲା ।... ୧୯.୧୨.୨୪ରେ ଶ୍ରୀଅରବିନ୍ଦ ଆଶ୍ରମ, ବି.ମାଳିଗୁଡାଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ଦ୍ୱାବିଂଶତମ ବାର୍ଷିକୋତ୍ସବ ସୁରେଶ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ରୂପାନ୍ତରର ପ୍ରଭୁ - ଶ୍ରୀଅରବିନ୍ଦ" ସମ୍ପର୍କରେ ରାଧାକାନ୍ତ ମିଶ୍ର, "ମୃତ୍ୟୁ ଉପରେ ପ୍ରେମର ବିଜୟ" ସମ୍ପର୍କରେ ସୁବାସ ଚନ୍ଦ୍ର କର ଏବଂ "ଶ୍ରୀଅରବିନ୍ଦଙ୍କ ଦେହାଂଶର ସେବା" ସମ୍ପର୍କରେ ଟଙ୍କଧର ବେହେରା ଆଲୋଚନା କରିଥିଲେ ।

**ସମର୍ପଣ ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମः-**

ନଭେମ୍ବର ୯ ରୁ ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାର ପଣ୍ଡକାମାଳଠାରେ ସମର୍ପଣ ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ହୋଇଯାଇଛଇ । ଏହି ଶିବିରରେ ନର୍ସରୀ ରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ପଦ୍ଧତି ଏବଂ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପାଇଁ ସଂସ୍କୃତ ଶିକ୍ଷାର ଗୁରୁତ୍ୱ ଦିଆଯାଇଥିଲା ।

**ସଙ୍ଗତି ମଣ୍ଡଳ**

**ବୌଦ୍ଧ:-** ୮.୧୨.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୁଶଙ୍ଗଠାରେ ସଙ୍ଗତି ମଣ୍ଡଳ ଆନୁକୂଲ୍ୟରେ ଏକବିଂଶତମ ବୌଦ୍ଧ ଜିଲ୍ଲାସ୍ତରୀୟ ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

•

## ଶିକ୍ଷକ ଆବଶ୍ୟକ

ଓଡ଼ିଶାର ବିଭିନ୍ନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକ ଆବଶ୍ୟକ ବୋଲି ପତ୍ର ମିଳୁଛି । ଏବେ ଦେଖାଯାଉଛି ଆଗଭଳି ଶିକ୍ଷକତା କରିବାପାଇଁ ସେତେ ଆଗ୍ରହ ଜଣାପଡୁନାହିଁ । ଅତୀତରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଶିକ୍ଷକତା କରିବାପାଇଁ ଅନେକ ଆଗ୍ରହ ପ୍ରକାଶ କରୁଥିଲେ ମଧ୍ୟ ସମସ୍ତଙ୍କୁ ସୁଯୋଗ ମିଳୁନଥିଲା । ଏବେ ଯେଉଁମାନେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଶିକ୍ଷକତା କରିବାକୁ ଚାହୁଁଥିବେ ତେବେ ସେମାନେ ସେମାନଙ୍କର ନାମ, ଶିକ୍ଷାଗତ ଯୋଗ୍ୟତା, ପ୍ରଶିକ୍ଷଣର ଯୋଗ୍ୟତା, ବୟସ ସହିତ ନିର୍ଦ୍ଦିଷ୍ଟ କେଉଁ ସ୍ଥାନରେ ରହିବାକୁ ଚାହୁଁଛନ୍ତି ଜଣାଇଲେ ଆମେ ସେମାନଙ୍କ ସହିତ ଯୋଗାଯୋଗ କରିଦେବୁ ।

**ସମ୍ପାଦକ**

ନବଜୀବନ ଶିକ୍ଷା ସଂସଦ,
ମାତୃଭବନ, କଟକ-୭୫୩୦୧୩
ଫୋନ୍: ୯୪୩୭୦୨୩୪୦୭

# ପୂଜ୍ୟ ଦାଦାଙ୍କର ପଞ୍ଚଦଶ ବାର୍ଷିକ ମହାପ୍ରୟାଣ ଦିବସ
# ୦୮.୦୧.୨୦୨୫




ପରମ ପୂଜନୀୟ ଦାଦା,

ଆମ୍ଭମାନଙ୍କର ବିନମ୍ର ପ୍ରଣତି ଗ୍ରହଣ କରନ୍ତୁ। ଆପଣ ସ୍ଥୂଳ ଶରୀର ତ୍ୟାଗ କରିବା ଏହା ମଧ୍ୟରେ ୧୫ବର୍ଷ ବିତିଗଲାଣି। ଆମେ ଓଡ଼ିଶାର ମାତୃସନ୍ତାନଗଣ ଆପଣଙ୍କୁ ଅତ୍ୟନ୍ତ କୃତଜ୍ଞତାର ସହିତ ସ୍ମରଣ କରୁଛୁ। ଆପଣଙ୍କ ପବିତ୍ର ସ୍ମୃତିହିଁ ଆମକୁ ସଦାସର୍ବଦା ମା'ଙ୍କ କାର୍ଯ୍ୟରେ ପ୍ରେରଣା ପ୍ରଦାନ କରୁଅଛି।

ଆପଣଙ୍କର ସ୍ନେହର

ଓଡ଼ିଶାର ମାତୃସନ୍ତାନଗଣ

THE MATRUBHABAN PATRA
Date of Publication 19.01.2025 JANUARY 2025
RNI Regn. No. 65218/91 Registered OR/CK (C) -22/2024-26

# ୫୪ତମ ନିଖିଳ ଉତ୍କଳ
# ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ - ୨୦୨୫

ସମ୍ମାନନୀୟ ବନ୍ଧୁଗଣ,

ନବବର୍ଷର ଶୁଭେଚ୍ଛା ନେବେ। ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ **ଏପ୍ରିଲ ୪ ତାରିଖଠାରୁ ୭ ତାରିଖ** ପର୍ଯ୍ୟନ୍ତ ଦୀର୍ଘ ୪ଦିନ ବ୍ୟାପୀ **୫୪ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ** କଟକ ମାତୃଭବନଠାରେ ଅନୁଷ୍ଠିତ ହେବ। ଏପ୍ରିଲ ୪ ତାରିଖ ସନ୍ଧ୍ୟାରେ ଏହି ସମ୍ମିଳନୀ ଉଦ୍‌ଘାଟିତ ହୋଇ ୭ ତାରିଖ ରାତ୍ରରେ ଉଦ୍‌ଯାପିତ ହେବ। ପ୍ରତ୍ୟେକ ଦିନ ପୂର୍ବାହ୍ନ ଅଧିବେଶନମାନଙ୍କରେ ଶ୍ରୀଅରବିନ୍ଦଙ୍କ ଲିଖିତ "ଭାରତୀୟ ସଂସ୍କୃତିର ଆଧାର" ଆଲୋଚନା, ଅପରାହ୍ନ ଅଧିବେଶନମାନଙ୍କରେ ସାଙ୍ଗଠନିକ ଆଲୋଚନା ହେବ ଏବଂ ସାନ୍ଧ୍ୟ ଅଧିବେଶନଗୁଡ଼ିକରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନେ ଆଧ୍ୟାତ୍ମିକ ଆଲୋଚନାରେ ଅଂଶଗ୍ରହଣ କରିବେ। ଏଥିରେ ଡ: ଆଲୋକ ପାଣ୍ଡେ, ଡ: ସମ୍ପଦାନନ୍ଦଙ୍କ ସମେତ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଯୋଗଦାନ କରିବେ।

ଏହି କାର୍ଯ୍ୟକ୍ରମର ବିଷଦ ବିବରଣୀ ଆସନ୍ତା ମାସ "ମାତୃଭବନ ପତ୍ର" ରେ ପ୍ରକାଶ କରାଯିବ।

ଆପଣମାନଙ୍କର
ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର କମିଟି
ସଭ୍ୟ/ସଭ୍ୟାଗଣ

ପ୍ରତିଷ୍ଠାତା - ଗଦାଧର ମିଶ୍ର ପରିଚାଳନା - ପ୍ରସାଦ

Printed, Published & Edited by Dr. Shyama Kanungo on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.
E-mail : matrubhaban@gmail.com Please visit us at : www.motherorissa.com